# କଥାଶିଳ୍ପୀ ଶ୍ରୀଯୁକ୍ତ ମନୋଜ ଦାସ

ଭାରତୀୟ ସାହିତ୍ୟର ଇତିହାସରେ ସୁସାହିତ୍ୟିକ ମନୋଜ ଦାସ ଏକ ଅନନ୍ୟ ସାଧାରଣ ପରିଚିତି । ୧୯୩୪ ମସିହାରେ ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ଜନ୍ମ ହୁଏ ଏବଂ ୧୯୪୯ ମସିହାରେ ତାଙ୍କର ପ୍ରଥମ ଗଳ୍ପ "ସମୁଦ୍ରର କ୍ଷୁଧା" ପ୍ରକାଶିତ ହୁଏ । ଏହାପରେ କ୍ରମେ ଓଡ଼ିଆ ସାହିତ୍ୟରେ ଜଣେ ଶକ୍ତିଶାଳୀ ଗାଳ୍ପିକ ଭାବରେ ସେ ସ୍ୱୀକୃତ ହୁଅନ୍ତି । ଗଳ୍ପ ସାଧନାର ଅନବଦ୍ୟ ସ୍ୱୀକୃତି ସ୍ୱରୂପ ତାଙ୍କୁ ୧୯୬୧ମସିହାରେ "ଆରଣ୍ୟକ" ଗଳ୍ପ ଗ୍ରନ୍ଥ ନିମିତ୍ତ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୭୨ରେ ମନୋଜ ଦାସଙ୍କ କଥା ଓ କାହାଣୀ ନିମିତ୍ତ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଓ ୧୯୮୪ରେ "ଧୂମାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ" ଶାରଳା ପୁରସ୍କାର ତଥା ୧୯୮୭ରେ ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ସମ୍ମାନ ଜନକ ବିଷୁବ ପୁରସ୍କାର ଦ୍ୱାରା ସେ ସମ୍ବର୍ଦ୍ଧିତ ହୁଅନ୍ତି । କିନ୍ତୁ ଏହା ମନୋଜ ଦାସଙ୍କର ଯଥାର୍ଥ ପରିଚୟ ନୁହେଁ । ଓଡ଼ିଆ ଗଳ୍ପ ସାହିତ୍ୟର ଯେଉଁ ଧାରା ଫକୀର ମୋହନଙ୍କ ଠାରୁ ପ୍ରବାହିତ ହୋଇ ଆଜି ପର୍ଯ୍ୟନ୍ତ ଗତିଶୀଳ ସେହି ଧାରାରେ କଥାଶିଳ୍ପୀ ମନୋଜ ଦାସ ଏକ ଅନନ୍ୟ ଛନ୍ଦ । ଭାରତୀୟ କଥା ସାହିତ୍ୟର ବିଶ୍ୱ ବନ୍ଦ୍ୟ ପରଂପରାରେ ବିଷ୍ଣୁ ଶର୍ମା, ସୋମ ଦେବ, ବାଣ ଭଟ୍ଟ, ଗୁଣାଢ୍ୟ ପ୍ରଭୃତିଙ୍କର ନାମ ଆଜି ଯେପରି ଶ୍ରଦ୍ଧା ଓ ସମ୍ମାନର ସହିତ ସ୍ମରଣ କରାଯାଇ ଥାଏ, ଆଗାମୀ କାଳରେ ଶ୍ରୀଯୁକ୍ତ ଦାସ ତାଙ୍କର ମହାନ୍ ସୃଷ୍ଟି ନିଚୟ ପାଇଁ ସେହିପରି ସ୍ମରଣୀୟ ହୋଇ ରହିବେ ।

ଓଡ଼ିଆ ସାହିତ୍ୟର ଆଦି କାଳରେ ଜଣେ ବିପ୍ଳବୀ ସାମ୍ୟବାଦୀ ସଂଗଠକ ଭାବରେ ମନୋଜ ଦାସଙ୍କର ଆବିର୍ଭାବ ହୁଏ ଏବଂ ପରବର୍ତ୍ତୀ କାଳରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଜଣେ ଅଧ୍ୟାପକ ଭାବରେ ସେ ଜୀବନ ଯାତ୍ରା ଆରମ୍ଭ କରନ୍ତି । କିନ୍ତୁ ଏହି ଦୁଇ, ଚେତନାର ଉର୍ଦ୍ଧ୍ୱରେ ଅବସ୍ଥିତ ମନୋଜ ଦାସଙ୍କର ସୃଷ୍ଟି ଚେତନା ବଡ଼ ବିରଳ । ମାର୍କସଙ୍କ ଦର୍ଶନ ବା ଅରବିନ୍ଦଙ୍କର ଯୋଗ ସାଧନାର ଉର୍ଦ୍ଧ୍ୱରେ ରହିଛି ମାନବାନୁଭୂତି । ଏହି ଦୁଇ ଦର୍ଶନ ଶ୍ରୀଯୁକ୍ତ ଦାସଙ୍କୁ ସାହାଯ୍ୟ କରିଛି ମାନବାନୁଭୂତିକୁ ସୃଷ୍ଟି ପ୍ରକ୍ରିୟାରେ ନିଜସ୍ୱ କରିବା ନିମିତ୍ତ ଏବଂ ଏହାର ମଧ୍ୟରେ ଶ୍ରୀଯୁକ୍ତ ଦାସଙ୍କର ସାହିତ୍ୟିକ ଜୀବନର ପୂର୍ଣ୍ଣ ପରିଚିତି ସ୍ୱାକ୍ଷରିତ । ମନୋଜ ଦାସ ଜଣେ ଗାଳ୍ପିକ । ସମ୍ପୂର୍ଣ୍ଣ ଏକ ଗଳ୍ପ କଳାର ଉପସ୍ଥାପକ । କୌଣସି ଏକମତ, ଆଦର୍ଶ ଓ ଇଜିମ୍‌ର ସମ୍ପୂର୍ଣ୍ଣ ଉର୍ଦ୍ଧ୍ୱରେ ରହି ସେ ଗଳ୍ପ ରଚନା କରିଥାନ୍ତି । ତେଣୁ ତାଙ୍କର ଗଳ୍ପ ଅନନ୍ୟ କଳା, ସର୍ଜ୍ଜନାର ବିମୁଗ୍ଧତାରେ ବିଜଡ଼ିତ । ତାଙ୍କର ସଚେତନ ପ୍ରକାଶଭଂଗୀ ଓ ନିର୍ଲିପ୍ତ ଦୃଷ୍ଟିଭଂଗୀ ତାଙ୍କ ଗଳ୍ପ, ସୃଷ୍ଟିର ଶ୍ରେଷ୍ଠ ଉପାଦାନ । ସମୁଦ୍ରର କ୍ଷୁଧା ଠାରୁ "ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ" ପର୍ଯ୍ୟନ୍ତ ପ୍ରତ୍ୟେକ ଗଳ୍ପରେ ତାଙ୍କ ଅନନ୍ୟ କଳାର ପ୍ରମାଣ ପତ୍ର ସ୍ୱାକ୍ଷରିତ ।

ଅଜସ୍ର ସୃଷ୍ଟି ଶିଳ୍ପର ଅଧିକାରୀ ଶ୍ରୀଯୁକ୍ତ ଦାସ । "ସମୁଦ୍ରର କ୍ଷୁଧା", "ଜୀବନର ସ୍ୱାଦ", ବିଷ କନ୍ୟାର କାହାଣୀ, ଆରଣ୍ୟକ, ଶେଷ ବସନ୍ତର ଚିଠି, "ମନୋଜ ଦାସଙ୍କ କଥା ଓ କାହାଣୀ", ଲକ୍ଷ୍ମୀର ଅଭିସାର, ଆବୁ ପୁରୁଷ ଓ ଅନ୍ୟାନ୍ୟ କାହାଣୀ, ଧୂସାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ, ମନୋଜ ପଞ୍ଚବିଂଶତି, ଭିନ୍ନ ମଣିଷ ଓ ଅନ୍ୟାନ୍ୟ, ତଥା ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ ଆଦି ଗଳ୍ପ ସଂକଳନ, ପଦଧ୍ୱନି ଓ ଉପନିବେଶ କବିତା ସଂକଳନ, ଭ୍ରମଣ କାହାଣୀ, "ବୁଲ ଡୋଜରସ" ପରି କ୍ରାନ୍ତିକାରୀ ଉପନ୍ୟାସ ସହିତ A song for sunday and other stories, short stories of Manoj Das, The Crocodiles lady, Fables and Fantasies for Adults, Man who lifted the mountain and other fantasies, Vengeance and other stories, The submerged valley

and other stories, Fables and Fantasies for Adults ଆଦି ଇଂରାଜୀ ପୁସ୍ତକ ଓଡ଼ିଆ କଥା ସାହିତ୍ୟର ଏକ ଅର୍ଦ୍ଧଶତାବ୍ଦୀର ଇତିହାସ ବ୍ୟାଖ୍ୟାନ କରେ । ଶିଶୁମାନଙ୍କର ପଠନ ଉପଯୋଗୀ ଅନେକ ପୁସ୍ତକ ମଧ୍ୟ ଏହି ଯଶସ୍ୱୀ କଥାକାର ଲେଖିଛନ୍ତି ।

ସାଧାରଣ ମାନବୀୟ ଆବେଦନରୁ ଶ୍ରୀଯୁକ୍ତ ଦାସଙ୍କ ଗଳ୍ପ ଜନ୍ମ ଲଭିକରି ଆଜି ମନୀଷୀ ଚିନ୍ତା ଚେତନା ତଥା ଆଧ୍ୟାତ୍ମିକ ରହସ୍ୟମୟ ଜିଜ୍ଞାସାବୋଧର ଆକଳନରେ ଯେପରି ପରିବ୍ୟାପ୍ତ ତାହା ଭାରତୀୟ ସାହିତ୍ୟ କାହିଁକି, ସମଗ୍ର ପୃଥିବୀର ସାହିତ୍ୟିକ ମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି । ଓଡ଼ିଆ କଥା ସାହିତ୍ୟକୁ ଆନ୍ତର୍ଜାତିକ ସ୍ତରକୁ ଉନ୍ନୀତ କରିବାରେ ଶ୍ରୀଯୁକ୍ତ ଦାସ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି, ତାହା ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ବିଷୟ । ଏହି ପରିପ୍ରେକ୍ଷୀରେ ମନୋଜ ଦାସଙ୍କର ସାମଗ୍ରିକ ସୃଷ୍ଟି ଉପରେ କିଂଚିତ୍ ଆଲୋକପାତ କରାଯାଇ ପାରେ ।

ମନୋଜ ଦାସଙ୍କ ଗଳ୍ପ ଗୁଡ଼ିକ ବାସ୍ତବ ଜୀବନ ଉପରେ ଆଧାରିତ କାଳ୍ପନିକ କଥାବସ୍ତୁ । ଏହାହିଁ ତାଙ୍କର ବୈଶିଷ୍ଟ୍ୟ । ମନୁଷ୍ୟର ଅହଂ ସ୍ୱରୂପର ଯଥାର୍ଥ ରୂପାୟନ ଯେପରି ତାଙ୍କ ଗଳ୍ପ ସୃଷ୍ଟିର ଅନ୍ୟତମ ବିଭବ, ସେହିପରି ଖାଲି ଗଳ୍ପ ଭିତରେ ବି ମନୁଷ୍ୟ ଅସହାୟତା ଓ ସ୍ପର୍ଶକାତରତାର ରୂପ ମଧ୍ୟ କମ ଚିତ୍ତାକର୍ଷକ ନୁହେଁ । ଚିନ୍ତକଳ୍ପର ସ୍ୱଚ୍ଛନ୍ଦ ବିଚରଣ ତାଙ୍କ ଗଳ୍ପ କଳାକୁ ଯେପରି ମହାମାନ୍ୟ କରିଛି, କାହାଣୀର ଆଲୌକିକତା ମଧ୍ୟରେ ଓଡ଼ିଶାର ମାଟି, ପାଣି ପବନରେ ବଢ଼ାବାନ୍ଧ ରହିଥିବା ଲୌକିକତା ସେହିପରି ତାଙ୍କ ଗଳ୍ପ ସୃଷ୍ଟିକୁ ସମୃଦ୍ଧ କରିଛି । ଓଡ଼ିଶା ଜୀବନ ବୈଚିତ୍ର୍ୟକୁ ନେଇ ସେ ସର୍ବ ଭାରତୀୟ ସ୍ତରରେ ଉପସ୍ଥାପିତ କରିଛନ୍ତି । ଭାରତୀୟ ଚିନ୍ତା ଚେତନାର ମୌଳିକତାକୁ ନେଇ ସେ ସେହିପରି ବିଶ୍ୱ ଦରବାରରେ ଆଲୋଡ଼ନ ସୃଷ୍ଟି କରିବାକୁ ସମର୍ଥ ହୋଇଛନ୍ତି । ମନୋଜ ଦାସଙ୍କ ସଂପର୍କ ଯେତେ କହିଲେ ମଧ୍ୟ କିଛି ଅସଂପୂର୍ଣ୍ଣ ରହିଯିବ । ଏହି ଅସଂପୂର୍ଣ୍ଣତା ମଧ୍ୟରୁ ଆଶା କରୁଛି ବନ୍ଧୁଗଣ ତାଙ୍କର ପୂର୍ଣ୍ଣ ପରିଚୟ ଖୋଜିନେବେ ।

*****

ପ୍ରତିମା ମିଶ୍ର
ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା, ଓଡ଼ିଶା ଲେଖିକା ସଂସଦ ।
ବିଶେଷ ଅଧିବେଶନ, ପୁରୀ ।